# NATIONAL NEWS BULLETIN (ODIA)

## 2 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସଂକଳ୍ପ ଅଭିଯାନ ଅଧୀନରେ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ନିଟ୍-ପିଜି ୨୦୨୬ ପରୀକ୍ଷାର ପ୍ରସ୍ତୁତି ନେଇ ସମୀକ୍ଷା କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ।
- ଇରାନ୍ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରିବା ନେଇ ଆମେରିକାର ଚେତାବନୀ ।
- ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ୩୯କୁ ବୃଦ୍ଧି ପାଇଲା ଭାରତର ପଦକ ସଂଖ୍ୟା ।

\- ଗତକାଲି ଗୋଟିଏ ଦିନରେ ଦେଶକୁ ମିଳିଛି ୧୬ଟି ପଦକ ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ଆକଳନ ।

# ନଡ୍ଡା-ନିଟ୍ ପିଜି

ନିଟ୍ ପିଜି ୨୦୨୬ ପରୀକ୍ଷାର ପ୍ରସ୍ତୁତି ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସମୀକ୍ଷା କରିଛନ୍ତି । ସୁରକ୍ଷିତ, ସୁ-ବ୍ୟବସ୍ଥିତ, ସ୍ୱଚ୍ଛ ଓ ପ୍ରଯୁକ୍ତି ବିଦ୍ୟା ଆଧାରିତ ପରୀକ୍ଷା ପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ମନ୍ତ୍ରୀ ଶ୍ରୀ ନଡ୍ଡା ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିଛନ୍ତି । ସ୍ୱଚ୍ଛ ଏବଂ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ନିରପେକ୍ଷ ତଥା ପରୀକ୍ଷାର୍ଥୀ ଅନୁକୂଳ ପରିବେଶକୁ ସୁନିଶ୍ଚିତ କରିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଗୁଜବଠୁଁ ଦୂରେଇ ରହିବା ପାଇଁ କେବଳ ଜାତୀୟ ଡାକ୍ତରୀ ବିଜ୍ଞାନ ପରୀକ୍ଷା ପରିଷଦ **NBEMS** ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ତଥ୍ୟ ଉପରେ ନିର୍ଭର କରିବାକୁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ନଡ୍ଡା ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ପରୀକ୍ଷା ଆରମ୍ଭ ହେବାର କିଛିସମୟ ପୂର୍ବରୁ ଅତ୍ୟନ୍ତ ସୁରକ୍ଷିତ ତଥା ସମୟ ସୀମାବଦ୍ଧ ପ୍ରକ୍ରିୟା ମାଧ୍ୟମରେ ଚୂଡାନ୍ତ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଥାଏ । ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଏହାର ଗୋପନୀୟତା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥାଏ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ବୈଠକ ଅବସରରେ ଶ୍ରୀ ନଡ୍ଡା ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଛନ୍ତି । ଏହି ପରୀକ୍ଷା ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ।

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମୋଟ୍ ୨ ଲକ୍ଷ ୭୩ହଜାର ୧୮୩ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ପଞ୍ଜିକୃତ ହୋଇଛନ୍ତି । ପୂର୍ବବର୍ଷ ତୁଳନାରେ ଏହା ୧୨ ଦଶମିକ ୫ ପ୍ରତିଶତରୁ ଅଧିକ । ୩୪୦ଟି ସହରର ୧୩ଶହରୁ ଅଧିକ ପରୀକ୍ଷା କେନ୍ଦ୍ରରେ ଗୋଟିଏ ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ୟୁଜେଡ୍‌ବି ଏଫ୍‌ଏମ୍-ଇଣ୍ଡିଆ ଭିଜିଟ୍

ଉଜ୍‌ବେକିସ୍ତାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୈଦୋଭ ବକ୍ତିଔର ଓଡିଲୋଭିଚ୍ ଆଜିଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଭାରତକୁ ସରକାରୀ ଗସ୍ତରେ ଆସୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଗସ୍ତ ଅବସରରେ ଶ୍ରୀ ଓଡ଼ିଲୋଭିଚ୍’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଦିଲ୍ଲୀରେ ଏକ ବ୍ୟାବସାୟିକ ସମ୍ମିଳନୀରେ ମଧ୍ୟ ସେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ସେଣ୍ଟର-ଷ୍ଟେଟ୍ ଇନ୍‌ଷ୍ଟଲ୍‌ମେଣ୍ଟ

ଟିକସ ରାଜସ୍ୱ ସଂଗ୍ରହର ଅତିରିକ୍ତ କିସ୍ତି ଭାବରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ୧ ଲକ୍ଷ ୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏକ ବିବୃତ୍ତିରେ ଅର୍ଥ ମନ୍ତ୍ରଣାଳୟ କହିଛି, ପ୍ରତି ମାସରେ ହସ୍ତାନ୍ତରିତ ହେଉଥିବା ଟିକସ ସଂଗ୍ରହ କିସ୍ତି ଉପରେ ଏହି ଅତିରିକ୍ତ ରାଶି ପ୍ରଦାନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ନେଇ ଏହି ଅର୍ଥ ରାଜ୍ୟଗୁଡ଼ିକପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି । ଉତ୍ତର ପ୍ରଦେଶକୁ ସର୍ବାଧିକ ୧୯ ହଜାର ୨୦୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଓଡ଼ିଶାକୁ ୪ ହଜାର ୮୧୯ କୋଟି ଟଙ୍କା ଏବଂ ସିକ୍କିମ୍‌କୁ ସର୍ବନିମ୍ନ ୩୬୫ କୋଟି ଟଙ୍କା ଦିଆଯାଇଛି ।

## ୟୁଏସ୍-ଇରାନ୍ କନ୍‌ଫ୍ଲିକ୍ଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଅଧିକ ଜୋର୍‌ଦାର କରିବାକୁ ଚେତାବନୀ ଦେଇଛନ୍ତି । ଜାହାଜଗୁଡ଼ିକ ଉପରେ ଆକ୍ରମଣ ବନ୍ଦ ଏବଂ ଆଲୋଚନାକୁ ତେହରାନ ନ ଫେରିବା ପର୍ଯ୍ୟନ୍ତ ଏହି ଆକ୍ରମଣ ଜାରି ରହିବ ବୋଲି ସେ ସତର୍କ

କରାଇଛନ୍ତି । ଆମେରିକାର ବୈଦେଶିକ ବିଭାଗ, ପଶ୍ଚିମ ଏସିଆରେ ବସବାସ କରୁଥିବା ଆମେରିକୀୟଙ୍କ ପାଇଁ ଏକ ନୂତନ ସୁରକ୍ଷା ପରାମର୍ଶବଳୀ ଜାରି କରିଛି । ସଂଘର୍ଷ ଅଧିକ ତୀବ୍ର ହେଲେ ସେହି ଅଞ୍ଚଳରୁ ପ୍ରସ୍ଥାନ କରିବାକୁ ଆମେରିକୀୟଙ୍କୁ ଅନୁରୋଧ କରାଯାଇଛି । ଗାଜା ଏବଂ ଲେବାନନ୍‌ରେ ମଧ୍ୟ ସଂଘର୍ଷ ବୃଦ୍ଧି ପାଇଛି । ଆମେରିକା ସମର୍ଥିତ ଯୁଦ୍ଧବିରତି ଢାଞ୍ଚା ଅନୁଯାୟୀ ଇସ୍ରାଏଲ ନିଜ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ଆକ୍ରମଣ ଜାରି ରଖିଛି ।

ଅନ୍ୟପକ୍ଷରେ ତେହରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିଲେ ପଶ୍ଚିମ ଏସିଆର ପ୍ରମୁଖ ଇସ୍ରାଏଲ ଭିତ୍ତିଭୂମି ଏବଂ ଆମେରକୀୟ ଶକ୍ତି ପ୍ରତିଷ୍ଠାନ ଗୁଡ଼ିକ ଉପରେ ଇରାନ୍ ଆକ୍ରମଣ କରିବ ବୋଲି ଚେତାବନୀ ଦେଇଛି ।

## ପେରୁ ଫ୍ଲାଇଟ୍ କ୍ରାସ୍

ପେରୁର ନାଜକା ସହର ନିକଟରେ ଏକ ବିମାନ ଦୁର୍ଘଟଣାରେ ୧୩ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରସିଦ୍ଧ ନାଜକା ଲାଇନ୍ସ ଉପରେ ଏହି ବିମାନଟି ଯାତ୍ରା

କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ପେରୁର ବିମାନ କମ୍ପାନୀ ଏରୋଡିଆନା ଦ୍ୱାରା ପରିଚାଳିତ ଏହି ବିମାନଟି ଇକା ସହରରୁ ଉଡାଣ ଆରମ୍ଭ କରିଥିଲା । ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ପେରୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଇୟୁ ଏମର୍ଜେନ୍ସି ମିଟ୍

ସିଉଟା ପ୍ରବାସୀ ସଙ୍କଟର ସମାଧାନ ଲକ୍ଷ୍ୟନେଇ ଆସନ୍ତା ମଙ୍ଗଳବାର ୟୁରୋପୀୟ ସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବ । ସୀମାପାର ପ୍ରବାସୀ ପରିସ୍ଥିତି ନେଇ ସ୍ପେନ୍ ଏବଂ କିଛି ସଦସ୍ୟ ରାଷ୍ଟ୍ରମଧ୍ୟରେ ବିବାଦ ଉପୁଜିଛି । ମରକ୍କୋରୁ ପ୍ରାୟ ୬୦ହଜାର ପ୍ରବାସୀ ସ୍ପେନ୍‌ର ଅବରୋଧ ଅଞ୍ଚଳରେ ପ୍ରବେଶ କରିବା ପରେ ୟୁରୋପୀୟ ସଂଘର ୨୨ଟି ସଦସ୍ୟ ରାଷ୍ଟ୍ର ଏକ ସମନ୍ୱିତ ପଦକ୍ଷେପ ଏବଂ ଦୃଢ଼ ବାହ୍ୟସୀମା ନିୟନ୍ତ୍ରଣ ନେଇ ଆହ୍ୱାନ କରିଛନ୍ତି । ସ୍ପେନ୍ ସହିତ ଇଟାଲୀ’ ୟୁରୋପ ସୀମାମୁକ୍ତ ସେନ୍‌ଗେନ୍ ବ୍ୟବସ୍ଥାକୁ ସ୍ଥଗିତ ରଖିଛି । ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରଙ୍କ ଏହା ଏକ ନକରାତ୍ମକ ପ୍ରତିକ୍ରିୟା ବୋଲି ସ୍ପେନ୍ ସମାଲୋଚନା କରିଛି । ଫିନ୍‌ଲାଣ୍ଡ ଏବଂ ଡେନ୍‌ମାର୍କ ସମର୍ଥନରେ ଇଟାଲୀ ଏହି ପଦକ୍ଷେପ ଗ୍ରହଣ କରିଥିବା ସ୍ପେନ୍ ଅଭିଯୋଗ କରିଛି ।

ଅନ୍ୟପକ୍ଷରେ ଗତମାସ ୩୦ ତାରିଖ ସୁଦ୍ଧା ସିଉଟାରେ ପ୍ରବେଶ କରିଥିବା ପ୍ରାୟ ସମସ୍ତ ପ୍ରବାସୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସୀମାପାର ପ୍ରବାସୀ ବୃଦ୍ଧି ସମୟରେ ବୁଡ଼ିଯାଇ ଏବଂ ଦଳାଚକଟାରେ ପ୍ରାୟ ୬୭ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ କହିଛନ୍ତି ତାଙ୍କ ସରକାର ସୀମା ନିୟନ୍ତ୍ରଣକୁ କାର୍ଯ୍ୟକ୍ଷମ କରିବା ସହ ଅନଧିକୃତ ଗତିବିଧିକୁ ପ୍ରତିହତ କରିବା ନେଇ ପଦକ୍ଷେପ ଗ୍ରହଣ କରିଛି ।

## ସିଡବ୍ଲ୍ୟୁଜି ମେଡାଲ୍ସ

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି । ସେଥିରେ ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଛି । ପ୍ରତିଯୋଗିତାର ୧୦ମ ଦିନରେ ଗତକାଲି ଭାରତ ୧୬ଟି ପଦକ ହାସଲ କରିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି । ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ୭ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟପଦକ ହାସଲ କରିଛି । ପୁରୁଷ ୮୦ କିଲୋଗ୍ରାମ  ବର୍ଗରେ ଅଙ୍କୁଶ ପନଧଲ, ୬୦ କିଲୋଗ୍ରାମ ବର୍ଗରେ ସଚିନ ସିୱାଚ୍ ଏବଂ ମହିଳା ବର୍ଗରେ ଜସ୍ମିନ

ଲାମ୍ବୋରିଆ, ପ୍ରୀତି ପାୱାର, ସାକ୍ଷୀ ଚୌଧୁରୀ, ପ୍ରିୟା ଘଙ୍ଘର୍ଷ ଏବଂ ଅରୁନ୍ଧତୀ ଚୌଧୁରୀ ସ୍ୱର୍ଣ୍ଣପଦକ ପାଇଛନ୍ତି । ଭାରତର ଅନ୍ୟ ୩ଜଣ ମୁଷ୍ଟିଯୋଦ୍ଧା ନରେନ୍ଦ୍ର ବର୍‌ୱଲ, ଲଭ୍‌ଲୀଲା ବୋର୍ଗହେିନା ଏବଂ ଯଦୁମଣି ସିଂହ ରୌପ୍ୟପଦକ ପାଇଛନ୍ତି ।

ପାରା ଆଥ୍‌ଲେଟିକ୍ସ ବର୍ଗରେ ପୁରୁଷ ସଟ୍‌ପୁଟ୍ ଏଫ୍-୫୭ ବର୍ଗରେ ସୁମନ ରାଣା ସ୍ୱର୍ଣ୍ଣ ଏବଂ ଶୁଭମ୍ ଜୁଆଲ୍ ରୌପ୍ୟ ପଦକ ପାଇଛନ୍ତି । ଟ୍ରିପୁଲ୍ ଜମ୍ପ୍ ପ୍ରତିଯୋଗିତାରେ ପ୍ରବୀଣ ଚିତ୍ରାଭେଲ୍ ରୌପ୍ୟ ଏବଂ ସେଲ୍‌ଭା ପ୍ରଭୁ କାଂସ୍ୟ ପଦକ ପାଇଛନ୍ତି । ଜୁଡ଼ୋ ପ୍ରତିଯୋଗିତାରେ ଉନ୍ନତୀ ଶର୍ମା ମହିଳା ୬୩ କିଲୋଗ୍ରାମ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି ।

ପୁରୁଷ ୫ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଭାରତର ଗୁଲ୍‌ବୀର ସିଂହ ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ପଦକ ବିଜେତା ଭାରତୀୟ ଖେଳାଳିଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ୟାଡମିଣ୍ଟନ

ତାଇପେଇ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ଆଜି ମହିଳା ଏକକ ବର୍ଗରେ ଭାରତର ତନ୍‌ଭୀ ଶର୍ମା ଏବଂ ଭିଏତ୍‌ନାମର ଥୁଇ ଲିନ୍ ଏନ୍‌ଗ୍ୟୁୟେନ୍‌ଙ୍କ ମଧ୍ୟରେ ହେବ ମୁକାବିଲା । ସେମିଫାଇନାଲ୍‌ରେ ତନ୍‌ଭୀ ତାଙ୍କ ଚାଇନିଜ୍ ତାଇପେଇ ପ୍ରତିପକ୍ଷ ଓ୍ୱାଙ୍ଗ ୟୁ ସୁନ୍ ଙ୍କୁ ୨୧-୧୭ ଏବଂ ୨୧-୧୧ ସେଟ୍‌ରେ ପରାସ୍ତ କରିଥିଲେ ।

## ଆଇଏମ୍‌ଡି ଓ୍ୱେଦର

ଦେଶର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ସେଥିମଧ୍ୟରେ କର୍ଣ୍ଣାଟକ, କେରଳମ୍, ମାହେ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ରାଜସ୍ଥାନ, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ ଏବଂ ସିକ୍କିମ ଆଦି ରହିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ପୂର୍ବ ଉତ୍ତରପ୍ରଦେଶ, ମେଘାଳୟ,ଗୁଜୁରାଟ, କୋଙ୍କଣ,

ଗୋଆ, ମଧ୍ୟମହାରାଷ୍ଟ୍ର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।